# Akashvani, Sambalpur

## SAMBALPURI NEWS EVENING BULLETIN

**14 October 2024- 7.02 pm- 7.12 pm.**

*************************************************

୧- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ଗସ୍ତ୍‌ଥି ଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ହେଲେ ସାମିଲ୍ ।

୨- ଶ୍ରମିକ୍‌ମାନ୍‌କର୍ ସମସ୍ୟାର୍ ସମାଧାନ୍ ଆର୍ ଦାଦନ୍ ଜନିତ ବିସ୍ଥାପନ୍‌କେ ରୋକ୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଗଠନ୍ କଲେ ଟାସ୍କଫୋର୍ସ ।

୩- ରାଏଜେ ରେରା ଆଇନ୍‌ଥି ପରିବର୍ତନ୍ ଲାଗି ପଦକ୍ଷେପ୍ ନିଆଯିବା- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ମା' ଦୁର୍ଗାଙ୍କର୍ ମୃଣ୍ମୟୀ ମୂର୍ତିର କରାଯାଉଛେ ବିସର୍ଜନ ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ            ଆର୍‌ଏନ୍‌ୟୁ/ କଟକ୍

କେନ୍ଦୁଝର୍ ଗସ୍ତଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସର୍କିଟ୍ ହାଉସ୍ ଆର୍ ମଣ୍ଡୁଆ କେମ୍ପ୍ କାର୍ଯ୍ୟାଳୟ ନ ସ୍ଥାନୀୟ ଲୋକ୍‌ମାନ୍‌କର୍ ସାଙ୍ଗେ ଭିନ୍ ଭିନ୍ ପ୍ରସଙ୍ଗ୍‌ଥି ଆଲୋଚନା କରିଛନ୍ । ପାଖାପାଖି ୨ ଶହ ୫୦ ଝନ୍ ଲୁକ୍‌କର୍ ସମସ୍ୟା ଶୁନିକରି ଇତାର୍ ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । କେନ୍ଦୁଝର୍ ଗସ୍ତ ବାବ୍‌ଦେ ପ୍ରତିକ୍ରିୟା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ,

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

ଇ ଗସ୍ତ ଅବ୍‌ସରେ ରାଇକଲା ନ ମା' ଲାଗି ଗଛ୍‌ଟେ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ଚାରା ଜଗେଇଛନ୍ । ଧରିତ୍ରୀ ମା ପରିବେଶ୍‌ର ସୁରକ୍ଷା ଲାଗି ଚାରା ଜଗାବାର୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ୍ ଦେଇଛନ୍ ।

ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ପଦମ୍‌ପୁର୍ ଲକ୍ଷ୍ମୀପଡ଼ିଆ ନ ମେଗା ସଦସ୍ୟତା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ଇଥି ସାଂସଦ୍ ଅନନ୍ତ ନାୟକ୍ ଆର୍ ତେଲ୍‌କୋଇ ବିଧାୟକ୍ ଫକୀର୍ ନାୟକ୍‌ଙ୍କର୍ ସହେତେ ବହୁତ୍‌ଟୋ ଲୋକ୍ ଯୋଗ୍ ଦେଇଥିଲେ ।

ଶ୍ରମିକ୍ ସମସ୍ୟା-ଟାସ୍କଫୋର୍ସ        ଆର୍‌ଏନ୍‌ୟୁ/

ରାଜ୍ୟ ସର୍‌କାର୍ ଶ୍ରମିକ୍‌ମାନ୍‌କର୍ ସମସ୍ୟାର୍ ସମାଧାନ୍ ଆର୍ ଦାଦନ୍ ଜନିତ ବିସ୍ଥାପନ୍‌କେ ରୁକ୍‌ବାର୍ ଲାଗି ଗୁଟେ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ୍ କରିଛନ୍ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ  କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ହେଇଥିବା ଇ ଟାସ୍କଫୋର୍ସଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆର୍ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ ଉନ୍ନୟନ୍ କମିଶନର୍ ଆଉ ବିଭାଗୀୟ ସଚିବ ମାନେ ସଦସ୍ୟ ରହିଛନ୍ । ଇ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ଅଧୀନ୍‌ଥି କାମ୍ କର୍‌ବା । ଫି’ ୬ ମାସେ ଥରେ ଟାସ୍କଫୋର୍ସର ବୈଠକ୍ କରାଯାଇକରି ଦାଦନ୍ ରୁକ୍‌ବାର୍ ଲାଗି ନିଆଯାଇଥିବା ପଦକ୍ଷେପ୍ ଆର୍ ଅଲ୍‌ଗା ବିଷେ ଉପ୍‌ରେ ସମୀକ୍ଷା କରାଯିବା । ଇ ବୈଠକ୍‌କେ ଦାଦନ୍ ଦୂରୀକରଣ୍ କ୍ଷେତ୍ର ନ କାମ୍ କରୁଥିବା ବିଶେଷଜ୍ଞ, ଶିକ୍ଷାବିତ୍ ଆର୍ ମିଳିତ ଜାତିସଂଘ ଅନୁବନ୍ଧିତ ସଂସ୍ଥାର ପ୍ରତିନିଧିମାନ୍‌କୁ ଡକାଯିବାର୍ ବ୍ୟବସ୍ଥା ରହିଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ          ପି.ଆଇ.ବି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏବା କାଏଲ୍ ନୂଆଦିଲ୍ଲୀ ନ ସ୍ୱାସ୍ଥ୍ୟସେବା, କୃଷି, ଆର୍ ସ୍ଥାୟୀ ସହର୍ ଉପ୍‌ରେ ୩ ଟା ଏ.ଆଇ. ସେଂଟର୍ ଅଫ୍ ଏକ୍ସଲେନ୍ସ ଘୋଷ୍‌ନା କର୍‌ବେ। ବିକଶିତ୍ ଭାରତ୍‌ର ସପନ୍‌କେ ସାକାର୍ କର୍‌ବାର୍ ଲାଗି ଇ ତିନ୍‌ହି ଉକ୍ରର୍ଷ କେନ୍ଦ୍ରକେ ଶୀର୍ଷ ଶିକ୍ଷାନୁଷ୍ଠାନ୍, ଶିଳ୍ପ ଅଂଶୀଦାର୍ ଆର୍ ଷ୍ଟାର୍ଟଅପ୍ ମାନେ ନେତୃତ୍ୱ ଦେବେ। ସେମାନେ ଆନ୍ତଃବିଭାଗୀୟ ଗବେଷଣା, ଅତ୍ୟାଧୁନିକ ଆପ୍ଲିକେସନ୍ ବିକଶିତ ଆଉ ତିନ୍‌ହି କ୍ଷେତ୍ରଥି ଅଏତ୍‌କା ସମାଧାନ୍ ସୃଷ୍ଟି କର୍‌ବେ। ଗୁଟେ ପ୍ରଭାବ୍‌ଶାଲୀ ଏଆଇ ଇକୋ ସିଷ୍ଟମ୍‌କେ ବିକଶିତ୍ କର୍‌ବାର୍ ଆର୍ ଇ ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଥି ଗୁଣାତ୍ମକ ମାନବ ସମ୍ବଳ ପ୍ରସ୍ତୁତ୍ କର୍‌ବାର୍‌ଟା ଇ ପଦକ୍ଷେପ୍‌ର ଉଦ୍ଦେଶ୍ୟ ଆଏ। ଇତାର୍ କାମ୍‌ର ତଦାରଖ୍ କର୍‌ବାର୍ ଲାଗି ଜୋହୋ କର୍ପୋରେସନ୍‌ର ପ୍ରତିଷ୍ଠାତା ଆର୍ ସିଇଓ ଡକ୍ଟର୍ ଶ୍ରୀଧର ଭେମ୍ବୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଶୀର୍ଷ କମିଟି ଗଠନ୍ କରାଯାଇଛେ।

ରେରା ଆଇନ୍ ପରିବର୍ତ୍ତନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ରେରା ଆଇନ୍‌ର ପରିବର୍ତ୍ତନ୍ ଲାଗି ପଦକ୍ଷେପ୍ ନିଆଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍। ସମ୍ପୃକ୍ତ ବିଭାଗ୍ ସାଙ୍ଗେ ଆଲୋଚନା ଉତ୍‌ରୁ ଇବାବ୍‌ଦେ

ପ୍ରକ୍ରିୟା ମୁଲ୍ ହେବା ବଲି ସେ କହିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲା ସବ୍‌ରେଜିଷ୍ଟ୍ରାର୍- ଡିଏସ୍ଆର୍ କାର୍ଯ୍ୟାଳୟ ଆଏଜ୍ ପରିଦର୍ଶନ୍ କରିକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ରାଜସ୍ୱ ସେବା ଦେବାର୍‌ଥି ଅବହେଳା ଦେଖାଦେଲେ ସେ କର୍ମଚାରୀଙ୍କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଜମି ବିକ୍ରିବଟା ଆର୍ ଅଲ୍‌ଗା କାଗଜ୍‌ପତର୍ ପ୍ରସ୍ତୁତି ନେଇ ଦଲାଲ୍‌ଙ୍କର୍ ସମ୍ପୃକ୍ତ ଆର୍ ଦୁର୍ନୀତି ବିରୋଧ୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ସେ ସତର୍କ କରେଇ ଦେଇଛନ୍ । ସାଧାରଣ ଜନତାଙ୍କର୍ ସମସ୍ୟା ଆର୍ ଅଭିଯୋଗ୍ ଉପ୍‌ରେ ସାଙ୍ଗେ ସାଙ୍ଗ କାର୍ଯ୍ୟାନୁଷ୍ଠାନ୍ ନିଆଯିବାର୍ ସହେତେ ସେମାନ୍‌କର୍ ମତାମତ ସଂଗ୍ରହ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ଡିଏସ୍ଆର୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବାଚସ୍ପତି -ମହାଲେଖାଗାର ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଓଡ଼ିଶା ପ୍ରଧାନ୍ ମହାଲେଖାଗାର୍ ରାଜ୍‌କୁମାର୍ ଅଗ୍ରୱାଲ୍ ଆଏଜ୍ ଭେଟିଛନ୍ । ଇ ଅବ୍‌ସରେ ସେ ରାଜ୍ୟର୍ ଆର୍ଥିକ୍ ଥିତି ବାବ୍‌ଦେ ବାଚସ୍ପତିଙ୍କୁ ଜନେଇଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ସିଏଜି ତର୍‌ଫୁ ପ୍ରକାଶିତ ବହି ‘ଦ କାଟାଲିଷ୍ଟ’କେ ସେ ଶ୍ରୀମତୀ ପାଢ଼ୀଙ୍କୁ ଦେଇଥିଲେ ।

ଦୁର୍ଗାପୂଜା- ଦଶ୍‌ମୀ        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ପୂଜା ମଣ୍ଡପ୍ ମାନ୍‌କେ ଦୁର୍ଗତିନାଶିନୀ ଦୁର୍ଗାଙ୍କର୍ ମୃଣ୍ମୟୀ ମୂର୍ତିମାନ୍‌କର୍ ଆଏଜ୍ ବିସର୍ଜନ୍ କରାଯାଉଛେ । ସମ୍ବଲପୁର, ସୁବର୍ଣ୍ଣପୁର୍, ଦେବ୍‌ଗଡ଼୍, ବର୍‌ଗଡ଼୍ ବୌଦ୍ଧ, ଝାର୍‌ସୁଗୁଡ଼ା ଆର୍ ବାକି ଜିଲ୍ଲାର୍ ଭିନ୍ ଭିନ୍ ଇଲାକାମାନ୍‌କେ ଆଡ଼ମ୍ବର୍‌ଥି ଶୋଭାଯାତ୍ରା ବାହାର୍ କରାଯାଇକରି ବିସର୍ଜନ୍ କରାଯାଉଛେ ।

ବର୍‌ଗଡ଼୍-ଦୁର୍ଗାପୂଜା ବିସର୍ଜନ        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ସୋହେଲାର୍ ପ୍ରସିଦ୍ଧ ଦୁର୍ଗାପୂଜା ବିସର୍ଜନ ଶୋଭାଯାତ୍ରା ଶେଷ୍ ହେଇଛେ । ଆଏଜ୍ ପହପହନୁ ଗଁଡ଼ାବଜା, ବନାରସ୍‌ର ଅଘୋରି, ଛତିଶଗଡ଼୍ କଲଙ୍ଗି ନାଚ୍ ଆର୍ ମହାରାଷ୍ଟ୍ରର୍ ସାଂସ୍କୃତିକ୍ ଦଲ୍‌କେ ନେଇକରି ବିସର୍ଜନ୍ ଶୋଭାଯାତ୍ରା ବାହାରିକରି ପୂର୍‌ନିବନ୍ଧ୍ ନ ଦେବୀଙ୍କୁ ବିସର୍ଜନ୍ କରାଯାଇଥିଲା । ଗଲାକାଏଲ୍ ମିନିଷ୍ଟାଡ଼ିୟମ୍ ନ ପଡ଼ିଆ ନ ହେଇଥିବା ରାବଣ୍‌ପୁଡ଼ି ଉସବ୍ ହେଇଥିଲା । ସେନ୍ତା ଅତାବିରା ନ ଦୁର୍ଗାଦେବୀଙ୍କର୍ ବିସର୍ଜନ୍ ବୁଟୁବନ୍ଧ୍ ନ ହେଇଯାଇଛେ । ଇତାର୍‌ଛଡ଼ା ପାଇକ୍‌ମାଲ୍‌ର ଜର୍ଜଗଡ଼୍,

ହାଇସ୍କୁଲ୍ ପଢ଼ିଆ ଆର୍ ମାଣ୍ଡୋସିଲ୍ ନ ଭିଲ୍ ରାବଣ୍‌ପୁଡ଼ି ଦେଖ୍‌ବାର୍ ଲାଗି ବହୁତ୍ ଲୁକର୍ ଭିଡ୍ ହେଇଥିଲା ।

## ଜନଅଭିଯୋଗ୍ ଶୁଣାଣି ଶିବିର

ସମ୍ବଲପୁର/ ବର୍‌ଗଡ୍/ ବୌଦ୍ଧ/ ସୁବର୍ଣ୍ଣପୁର୍/ ଦେବ୍‌ଗଡ୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ମିଲିତ ଯୁଗ୍ମ ଜନଶୁଣାଣି ହେଇଥିଲା । ଜିଲ୍ଲାପାଲ ଆର୍ ଏସ୍.ପି. ଇଥି ଯୋଗ୍ ଦେଇକରି ୧୧ ଟା ଅଭିଯୋଗ୍‌ର ଶୁଣାଣି କରିଥିଲେ । ସେଥିର୍‌ଭିତ୍‌ରୁ ୬ ଟା ଅଭିଯୋଗ୍ ବ୍ୟକ୍ତିଗତ ଥିବାର୍ ବେଲେ ୨ ଟା ଗାଁମାନ୍‌କର୍ ସମସ୍ୟା ଆର୍ ୨ ଟା ସି.ଏମ୍.ଆର୍.ଏଫ୍ ଅଧୀନ୍ ଅଭିଯୋଗ୍ ଥିଲା ।

ବର୍‌ଗଡ୍ ଜିଲ୍ଲାର୍ ରାଜ୍‌ବୋଡ଼ାସମ୍ବର ବ୍ଲକ୍ କାର୍ଯ୍ୟାଳୟ ପରିସର ନ ଜନଅଭିଯୋଗ୍ ଶୁଣାଣି ଶିବିର ହେଇଯାଇଛେ । ଶିବିରଥି ଅତିରିକ୍ତ ଜିଲ୍ଲାପାଲ୍ ଆଉ ଏସ୍.ପି. ୫୦ ଟା

ଅଭିଯୋଗ୍ର ଶୁଣାଣି କରିଥିଲେ । ସେଭିତ୍ରୁ ୩୪ ଟା ବ୍ୟକ୍ତିଗତ ୧୨ ଟା ସାମୂହିକ ଆଉ ୪ ଟା ସି.ଏମ୍.ଆର୍.ଏଫ୍. ଆଧାରିତ୍ ଅଭିଯୋଗ୍ର ଶୁଣାଣି କରିକରି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ୍ କର୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର ହେଇଯାଇଛେ । ଇଥି ୫୦ ଟା ଅଭିଯୋଗ୍ର ସାଙ୍ଗେସାଙ୍ଗ୍ ସମାଧାନ୍ କରାଯାଇଥିଲା । ଶିବିରଥି ମୋଟ୍ ଶହେ ୨୦ଟା ଅଭିଯୋଗ୍ ଆସିଥିବାର୍ ବେଲେ ଶହେ ୧୦ ଟା ବ୍ୟକ୍ତିଗତ ଆର୍ ୧୦ ଭିନ୍ ଭିନ୍ ଗାଁର୍ ସାମୂହିକ ମାମ୍ଲା ଥିଲା । ଅତିରିକ୍ତ ଜିଲ୍ଲାପାଳ୍ଙ୍କର୍ ଉପସ୍ଥିତିଥି ଇ ଅଭିଯୋଗ୍ ଶୁଣାଣି କରାଯାଇଥିଲା ।

ଦେବ୍ଗଡ଼୍ ଜିଲ୍ଲାର୍ ତିଲେଇବଣି ବ୍ଲକ୍ ନ ହେଇଥିବା ଜିଲ୍ଲାପାଳ୍ଙ୍କର୍ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରଥି ୧୬ ଟା ଅଭିଯୋଗ୍ର ଶୁଣାଣି କରାଯାଇଛେ । ଇ ଅଭିଯୋଗ୍ ମାନ୍କର୍ ସମାଧାନ୍ କରିକରି ଦର୍କାରୀ ପଦକ୍ଷେପ୍ ନେବାର୍କେ ଜିଲ୍ଲାପାଳ୍ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ତର୍ଭା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ୫୮ ଟା ଅଭିଯୋଗ୍ର ସମାଧାନ୍ କରାଯାଇଛେ । ସେଭିତ୍ରୁ ୩୮ ଟା ବ୍ୟକ୍ତିଗତ ଆର୍ ୨୦ ଟା ଗୋଷ୍ଠୀଗତ ଅଭିଯୋଗ୍ ଆସିଥିଲା ।

ବିଜେପି ସକ୍ରିୟ ସଦସ୍ୟ କର୍ମଶାଳା     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବିଜେପି ତରଫରୁ ବୌଦ୍ଧ ଟାଉନ୍‌ହଲ୍‌ଠାରେ ସକ୍ରିୟ ସଦସ୍ୟ ଦିନିକିଆ କର୍ମଶାଳା ହୋଇଯାଇଛି । ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତିଙ୍କର ଅଧ୍ୟକ୍ଷତାରେ ହୋଇଥିବା କର୍ମଶାଳାରେ ରାଜ୍ୟ ବିଜେପି ସକ୍ରିୟ ସଦସ୍ୟତା ତନଖି କମିଟିର ମୁଖ୍ୟ ଲିଙ୍ଗରାଜ ଦଳବେହେରା, ବୌଦ୍ଧ ବିଧାୟକ ଆଉ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏଥିରେ ଯୋଗ ଦେଇଥିଲେ । ଜିଲ୍ଲାର ୧୦ ଟି ମଣ୍ଡଳ, ୪ ଶହ ୧୧ ଟି ବୁଥ ଆଉ ୨ ଟି ବିଧାନସଭା ମଣ୍ଡଳୀରୁ ମୋଟ ୪୫ ହଜାର ୧୫ ଜଣ ବିଜେପି ସଦସ୍ୟତା ନେଇଥିବା ବୈଠକରୁ ଜଣାପଡ଼ିଛି ।

ଫାଇଭ୍-ଜି ଟେଲିକମ୍ ସେବା     ଆର୍‌ଏନ୍‌ୟୁ/ କଟକ

ରାଜ୍ୟ ଆଉ କେନ୍ଦ୍ରଶାସିତ ଇଲାକାର ୮୦ ପ୍ରତିଶତ ଲୋକମାନଙ୍କୁ ସାମିଲ କରିକରି ଫାଇଭ୍-ଜି ଟେଲିକମ୍ ସେବା ହେଉଛି ବୋଲି କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ନୂଆଦିଲ୍ଲୀ ର ପଂଚମ ବିଶ୍ୱ ମାନକ ସମ୍ମିଳନୀକେ ଉଦ୍‌ଘାଟନ କରିକରି ଶ୍ରୀ ସିନ୍ଧିଆ କହିଛନ୍ତି ଯେ, ୨୨ ମାସ ଭିତରେ ଏ ସଫଳତା ମିଳିଛି । ୨୦୪୦ ମସିହାତକ ଫାଇଭ୍-ଜି ସେବା କ୍ଷେତ୍ରରୁ ୪ ଶହ

୫୦ ନିୟୁତ ଆମେରିକୀୟ ଡଲାର୍ ପୁଞ୍ଜିନିବେଶ୍ର ଆଶା କରାଯାଉଛେ । ସେ କହିଛନ୍ ଯେ, ପୁର୍ଥି ନ ପ୍ରଯୁକ୍ତିବିଦ୍ୟା ଆର୍ ନବସୃଜନଥି ଗୁଟେ ବଡ଼ ଧରଣ୍ର ପରିବର୍ତନ୍ ଦେଖ୍ବାର୍କେ ମିଲୁଛେ ।

ପୁରୀ-ଗୋଷାଣୀ ମେଳଣ ଉତ୍ସବ          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଆଗାଡ଼େ ପରମ୍ପରା ଅନ୍‌ସାରେ ଆଏଜ୍ ଗୋଷାଣୀ ମେଳଣ ଉତ୍ସବ୍ ହେଉଛେ । ସିଂହଦୁଆର ସାମ୍ନାଥି ସହରର୍ ଛୋଟ୍‌ବଡ୍ ପାଖାପାଖି ୩୦ ନୁ ଅଏତ୍‌କା ଗୋଷାଣୀ ମୂର୍ତି ସହେତେ ନାଗା, ଗଣେଶ, ମହାଦେବ୍, ବୁଢ଼ାବୁଢ଼ୀ, ସମ୍ପାତି ପକ୍ଷୀ ମୂର୍ତି ସାମିଲ୍ ହେଇଛନ୍ । ସହର୍ ନ ପୂଜା କରାଯାଇଥିବା ସବୁ ଦୁର୍ଗାମୂର୍ତିଙ୍କର୍ ଆଏଜ୍ ବିସର୍ଜନ୍ କର୍‌ବାର୍ ଆଗ୍ରୁ ଦେବୀ ସଭାଥି ସାମିଲ୍ ହେଇଛନ୍ । ଇ ଦେବୀସଭାଥି ଶ୍ରୀକ୍ଷେତ୍ରର୍ ସବୁନୁ ବଡ଼ ଗୋଷାଣୀ ମୂର୍ତି, ବାରବାଟୀ ଆର୍ ଜହ୍ନିଖାଇଙ୍କର୍ ସହେତେ ଭିନ୍ ଭିନ୍ ଗୋଷାଣୀ ମୂର୍ତି ସାମିଲ୍ ହେଇଛନ୍ । ଇଟା ଦେଖ୍ବାର୍ ଲାଗି ଶ୍ରଦ୍ଧାଳୁ ମାନ୍‌କର୍ ବହୁତ୍ ଭିଡ୍ ହେଇଛେ । ଶ୍ରୀମନ୍ଦିର୍ ନ ଏକାଦଶୀ ଦିନ ମହାଦୀପ୍ ଉଠ୍‌ବାର୍ ଉତ୍ରୁ ସବୁ ଗୋଷାଣୀ ମୂର୍ତିମାନ୍‌କର୍ ବିସର୍ଜନ୍ କରାଯିବା । ଜିଲ୍ଲା ପ୍ରଶାସନ୍ ଆର୍ ପୁଲିସ୍ ତରଫୁ ଭସାଣୀ ଉତ୍ସବ୍‌କେ

ଶାନ୍ତିଶୃଙ୍ଖଳା ସହେତେ ସାର୍‌ବାର୍‌କେ ବ୍ୟାପକ ପ୍ରସ୍ତୁତି କରାଯାଇଛେ ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ ନ ଆଏବା ବୁଧବାର୍‌ ଦିନ ଦଶ୍‌ରା ମାସର୍‌ ଉଜଲ୍‌ ପଖର୍‌ ଚତୁର୍ଦ୍ଦଶୀ ତିଥି ନ ଶ୍ରୀବିଗ୍ରହମାନ୍‌କର୍‌ ବନକଲାଗି ନୀତି ହେବା । ଇଟା ଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ୨ ନମ୍ବର ଭୋଗମଣ୍ଡପ୍‌ ଭୋଗ ଶେଷ୍‌ ହେବାର୍‌ ଉତ୍‌ରୁ ଉପର୍‌ବେଲା ୫ ବଜେନୁ ରାତିର୍‌ ୯ ବଜେତକ୍‌ ୪ ଘଂଟା ଲାଗି ମାହାପୁରୁମାନ୍‌କର୍‌ ସର୍ବସାଧାରଣ ଦର୍ଶନ୍‌ ବନ୍ଦ୍‌ ରହେବା ।